بسم اللہ الرحمٰن الرحیم

**ଖୁତବା ଜୁମା ୦୬ ନଭେମ୍ବର ୨୦୨୦ର ସାରାଂଶ**

**ସ୍ଥାନ-ମସ୍‌ଜିଦ୍ ମୁବାରକ, ଇସ୍‌ଲାମାବାଦ୍, ବ୍ରିଟେନ୍**

**ଅଲ୍ଲାଃତାଲାଙ୍କ କୃପାରୁ ଇସ୍‌ଲାମ୍ ତ' ଜୀବିତ ଧର୍ମ ଏବଂ ପରିସ୍ଫୁଟିତ ତଥା ବିକଶିତ ଧର୍ମ ଅଟେ ଏବଂ ବେଶ୍ ଭଲ ଭାବରେ ଉନ୍ନତି ଏବଂ ବିକାଶା ପଥରେ ଅଗ୍ରସର ହେଉଅଛି । ଅଲ୍ଲାଃତାଲା ପ୍ରତ୍ୟେକ ଯୁଗରେ ଏହାର ସୁରକ୍ଷା ଦାୟିତ୍ୱ ସ୍ୱହସ୍ତରେ ନେଇଛନ୍ତି ।**

**ତେହ୍‌ରିକେ ଜଦିଦ୍‌ର ୮୬ତମ ବର୍ଷର ବିଶ୍ୱାସବର୍ଦ୍ଧକ ଚର୍ଚ୍ଚା ଏବଂ ୮୭ ତମ ବର୍ଷର କଲ୍ୟାଣମୟ ଘୋଷଣା ।**

**ଅଶ୍‌ହଦୁ ଅନ୍‌ଲା ଇଲାହା ଇଲ୍ଲଲ୍ଲାହୁ ୱହ୍‌ଦହୁ ଲାଶରିକା ଲହୁ ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ । ଅମ୍ମା ବାଦ୍‌ଫାଉଜୁ ବିଲ୍ଲାଃହି ମିନଶ୍ ଶୈତାନ୍ ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍‌ରହ୍‌ମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ୱ ଇୟାକା ନସ୍‌ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଅଲୈହିମ୍ ୱଲଦ୍ଦାଲ୍‌ଲିନ୍ ।**

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି ଅନ୍ତେ ହୁଜୁର ଅନୱର୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜିଜ୍ ନିମ୍ନୋକ୍ତ ଆୟତର ଆବୃତ୍ତି କଲେ:

الَّذِيْنَ يُنْفِقُوْنَ اَمْوَالَهُمْ وَ النَّهَارِ وعَلَانِيَةً فَلَهُمْ اَجْرُهُمْ عِنْدَ رَبِّهِمْ ۚ وَلَا خَوْفٌ عَلَيْهِمْ وَلَا هُمْ يَحْزَنُوْنَ (سورة البقرة:۲۷۵)

**ଅର୍ଥାତ ଯେଉଁମାନେ ଦିବାରାତ୍ର ନିଜର ଧନକୁ ଗୋପନରେ ଓ ପ୍ରକାଶ୍ୟରେ (ମଧ୍ୟ ଅଲ୍ଲାଃତାଲାଙ୍କ ପଥରେ) ବ୍ୟୟ କରନ୍ତି, ସେମାନଙ୍କ ପାଇଁ ସେମାନଙ୍କର ପାଳନକର୍ତ୍ତାଙ୍କ ନିକଟରେ ପୁରସ୍କାର ଗଚ୍ଛିତ ଅଛି । ସେମାନେ ଭୟଭୀତ ହେବେ ନାହିଁ କି ଦୁଃଖିତ ହେବେ ନାହିଁ ।**

ହୁଜୁର ଅନୱର ଅ.ବ କହିଲେ: ପବିତ୍ର କୁରଆନରେ ଅଲ୍ଲାଃତାଲା ବିଶ୍ୱାସକାରୀଙ୍କୁ ଅନେକ ସ୍ଥଳରେ ଆର୍ଥିକ ବଳିଦାନ କରିବା ପ୍ରତି ଧ୍ୟାନ ଆକର୍ଷଣ କରିଛନ୍ତି । ଉକ୍ତ ଆୟତରେ ମଧ୍ୟ ବିଶ୍ୱାସକାରୀଙ୍କର ସେହି ବିଶେଷତାର ଚର୍ଚ୍ଚା କରାଯାଇଛି ଯେ, ବିଶ୍ୱାସକାରୀ ଅଲ୍ଲାଃତାଲାଙ୍କ ପଥରେ ଦିବାରାତ୍ର (ଅର୍ଥ) ବ୍ୟୟ କରନ୍ତି ଏବଂ ସେମାନଙ୍କର ବ୍ୟୟ କରିବା ଗୋପନରେ ମଧ୍ୟ ହୋଇଥାଏ ଏବଂ ପ୍ରକାଶ୍ୟ ଭାବରେ ମଧ୍ୟ ହୋଇଥାଏ ଏବଂ ଅଲ୍ଲାଃତାଲାଙ୍କ ନିକଟରେ ଏହି ଦୁଇ ପ୍ରକାରର ବଳିଦାନ ଗ୍ରହଣୀୟ ହୋଇଥାଏ । ଅନ୍ୟ ଏକ ସ୍ଥାନରେ ଅଲ୍ଲାଃତାଲା କହନ୍ତି ଯେ, ଏହି ବିଶ୍ୱାସକାରୀମାନଙ୍କର ଅଲ୍ଲାଃତାଲାଙ୍କ ପଥରେ ବ୍ୟୟ କରିବାର ଅନ୍ତର୍ନିହିତ ଉଦ୍ଦେଶ୍ୟ ଅଲ୍ଲାଃତାଲାଙ୍କ ପ୍ରସନ୍ନତା ପ୍ରାପ୍ତି ହୋଇଥାଏ, ଯେପରିକି ଅଲ୍ଲାଃତାଲା କହନ୍ତି ଯେ, وَمَا تُنْفِقُوْنَ اِلَّا ابْتِغَآءَ وَجْهِ اللّٰهِ ଅର୍ଥାତ ସେମାନେ ଅଲ୍ଲାଃତାଲାଙ୍କ ପ୍ରସନ୍ନତା ବ୍ୟତୀତ କଦାପି ବ୍ୟୟ କରନ୍ତି ନାହିଁ । ଅର୍ଥାତ ସେମାନଙ୍କର ଅଭିପ୍ରାୟ କେବଳ ଅଲ୍ଲାଃତାଲାଙ୍କର ପ୍ରସନ୍ନତା ପ୍ରାପ୍ତି ହିଁ ହୋଇଥାଏ । ସୁତରାଂ ଜଣେ ପ୍ରକୃତ ବିଶ୍ୱାସକାରୀର ଏହା ହିଁ ଲକ୍ଷଣ ଯେ, ସେ ପୁଣ୍ୟ କର୍ମ ଓ ଉତ୍ତମ ଆଚରଣ ପ୍ରଦର୍ଶନ କରୁ, ଅଲ୍ଲାଃତାଲାଙ୍କ ମାର୍ଗରେ ନିଜର ପବିତ୍ର ଅର୍ଥରୁ ବ୍ୟୟ କରୁ । ତା' ମନରେ ସର୍ବଦା ଦିବାରାତ୍ର ପୁଣ୍ୟ କାର୍ଯ୍ୟ କରିବାର ମନୋଭାବ ପୋଷଣ କରୁ । ସେ ଅଲ୍ଲାଃତାଲାଙ୍କ ମାର୍ଗରେ କେବେ ଗୋପନରେ ଅର୍ଥ ବ୍ୟୟ କରୁ ତ' କେବେ ପ୍ରକାଶ୍ୟ ରୂପେ ଅଲ୍ଲାଃତାଲାଙ୍କ ମାର୍ଗରେ ବ୍ୟୟ କରୁ । ଏହି ବଳିଦାନଗୁଡ଼ିକ ଅଲ୍ଲାଃତାଲାଙ୍କ ନିକଟରେ ସେତେବେଳେ ଯାଇ ଗ୍ରହଣୀୟ ହୋଇପାରିବ ଯେତେବେଳେ ଅଲ୍ଲାଃତାଲାଙ୍କ ପ୍ରସନ୍ନତା ପ୍ରାପ୍ତି ସେମାନଙ୍କ ବଳିଦାନର ମୁଖ୍ୟ ଅଭିପ୍ରାୟ ହୋଇଥିବ । ଯଦି ତାହା କେବଳ ପ୍ରକାଶ୍ୟମୂଳକ ବଳିଦାନ ହୋଇଥିବ ତେବେ ଏଭଳି

ବଳିଦାନ ଅଲ୍ଲାଃତାଲାଙ୍କର ପ୍ରସନ୍ନତା ପ୍ରାପ୍ତିର ସ୍ତର ପର୍ଯ୍ୟନ୍ତ ଉନ୍ନିତ ହୋଇପାରିବ ନାହିଁ । ସୁତରାଂ ଏହି ଭଳି ମନୋଭାବକୁ ନିଜ ସମ୍ମୁଖରେ ରଖି ଜଣେ ବିଶ୍ୱାସାକୀରକୁ ବଳିଦାନ କରିବା ଉଚିତ ଏବଂ ଏହା ହିଁ ସେହି ଆତ୍ମା ଯାହାକୁ ସମ୍ମୁଖରେ ରଖି ଜମାଅତ୍‌ର ସଦସ୍ୟବୃନ୍ଦ ଅଲ୍ଲାଃତାଲାଙ୍କ କୃପାରୁ ଅର୍ଥଦାନ କରିଥାଆନ୍ତି ।

ହୁଜୁର ଅନୱର୍ ଅ.ବ କହିଲେ : ବର୍ତ୍ତମାନେ ମୁଁ କେତେକ ବଳିଦାନକାରୀଙ୍କ ବଳିଦାନ ସଂପର୍କରେ ବର୍ଣ୍ଣନା କରିବି, ଯାହା ସେମାନେ ବଳିଦାନ ଦେବା ଯୋଗୁଁ ଅଲ୍ଲାଃତାଲାଙ୍କର କୃପା ସେମାନଙ୍କର ଉପରେ ଅବତୀର୍ଣ୍ଣ ହୋଇଛି କିମ୍ବା ଯେଉଁ ଅର୍ଥ ବ୍ୟୟ କରିବା ପ୍ରତି ଆହ୍ୱାନ ଦିଆଯାଇଥିଲା ସେଥିରେ ଅଂଶ ଗ୍ରହଣ କରିବା ଯୋଗୁଁ ଅଲ୍ଲାଃତାଲା ସେମାନଙ୍କୁ କିଭଳି ଭାବରେ ପ୍ରତିଫଳ ସ୍ୱରୂପ ସମ୍ମାନିତ କରିଛନ୍ତି ତାହାର କେତେକ ଜ୍ୱଳନ୍ତ ଦୃଷ୍ଟାନ୍ତ ଏଠାରେ ବର୍ଣ୍ଣନା କରିବି ।

ବୈଅତ୍ କରିବା ପରେ ଅଲ୍ଲାଃତାଲାଙ୍କ ପ୍ରସନ୍ନତା ପ୍ରାପ୍ତି କରିବା ପାଇଁ ମନ ଭିତରେ ନିଜର ଅତିପ୍ରିୟ ଅର୍ଥକୁ କିଭଳି ବ୍ୟୟ କରିବାର ଅଭିଳାଷା ରହିଥାଏ, ଏ ସଂକ୍ରାନ୍ତରେ ଆଲ୍‌ବାନିୟାର ମୁବଲ୍ଲିଗ୍ ସିଲସିଲା ସମଦ୍ ସାହେବ୍ ଉଲ୍ଲେଖ କରନ୍ତି ଯେ, ଜଲ୍‌ସା ସାଲାନା ୨୦୨୦ ମସିହାର ମୋର ଅନ୍ତିମ ଅଭିଭାଷଣରେ ଜଣେ ଆଲ୍‌ବାନୀୟ ବନ୍ଧୁ, ନବାଗତ ଅହେମଦି ଜାଫର୍ କୋଚି ସାହେବ ଉପସ୍ଥିତ ଥିଲେ ଏବଂ ମୁଁ ସେହି ଅଭିଭାଷଣରେ ତାଙ୍କର ଅହେମଦିୟତ୍ ଗ୍ରହଣ କରିବାର ଚର୍ଚ୍ଚା ମଧ୍ୟ କରିଥିଲି । ଅଗଷ୍ଟ ମାସ ପର୍ଯ୍ୟନ୍ତ ତାଙ୍କର କୌଣସି ଆୟ ନଥିଲା । ମୁବଲ୍ଲିଗ୍ ସାହେବଙ୍କୁ ସେ ନିଜ ଚାନ୍ଦାର ବିସ୍ତୃତ ବିବରଣୀ ବିଷୟରେ ପଚାରିବାରୁ ତାଙ୍କୁ ଆଉଥରେ ଚାନ୍ଦା ସଂପର୍କରେ ଅବଗତ କରାଯାଇଥିଲା । ଏହାପରେ ସେ କହିବାକୁ ଲାଗିଲେ ଯେ, ଚଳିତ ମାସରେ ହିଁ ଜଣେ ବ୍ୟକ୍ତି ତାଙ୍କର ଘର ଭଡ଼ାରେ ନେଇଛନ୍ତି ଏବଂ ତାଙ୍କୁ ଉକ୍ତ ଘରର ଭଡ଼ା ପ୍ରାପ୍ତ ହୋଇଛି । ସୁତରାଂ ସେ ସେହି ପ୍ରଥମ ଧାର୍ଯ୍ୟ ଆୟରୁ ଅଧିକ ଚାନ୍ଦା ଆଦାୟ କରିଥିଲେ । ମୁବଲଲ୍ଲିଗ୍ ସାହେବ୍ କହନ୍ତି ଯେ, ମୁଁ ତାଙ୍କୁ କହିଲି ଯେ, ଅଲ୍ଲାଃତାଲାଙ୍କର ପବିତ୍ର କୁରଆନରେ ଏହି ପ୍ରତିଶୃତି ରହିଛି ଯେ, ସେ ଆର୍ଥିକ ବଳିଦାନ କରୁଥିବା ବ୍ୟକ୍ତିକୁ ତା' ଅର୍ଥରେ ବଢେଇ ଦେଇ ଥାଆନ୍ତି । ତେବେ ମହୋଦୟ କହିବାକୁ ଲାଗିଲେ ଯେ, ମୁଁ ଏହି ଉଦ୍ଦେଶ୍ୟ ରଖି ଚାନ୍ଦା ଦେଇ ନାହିଁ । ବରଂ ମୁଁ ତ' ଅଲ୍ଲାଃତାଲାଙ୍କ ପ୍ରସନ୍ନତା ପ୍ରାପ୍ତ କରିବା ପାଇଁ ହଜ଼ରତ ମସିହ୍ ମଉଦ୍ ଅ.ସଙ୍କ ଉପଦେଶାନୁକ୍ରମେ ଧର୍ମ ସକାଶେ ଅର୍ଥଦାନ କରିବା, ଅନ୍ତର୍ଗତରେ ବଳିଦାନ କରୁଅଛି ଏବଂ ଇସ୍‌ଲାମ୍‌ର ଏହି ଆଦେଶ ରହିଛି ଯେ, ଧର୍ମ ସକାଶେ ଅର୍ଥଦାନ କରିବା ଉଚିତ। ବର୍ତ୍ତମାନ ସେ ନିୟମିତ ରୂପେ ପ୍ରତି ମାସରେ ଚାନ୍ଦା ପୈଠ କରୁଛନ୍ତି ।

ୱିଜ଼ବାଦିନ୍ ଜର୍ମାନୀରୁ ଜଣେ ବନ୍ଧୁ ଆମ ତେହ୍‌ରିକେ ଜଦିଦ୍ କାର୍ଯ୍ୟାଳୟକୁ ଆସିଲେ ଏବଂ କହିଲେ ମୋର ଆସାଇଲମ୍‌ର କେସ୍ ଚାଲିଛି ଏବଂ ଜଣେ ବିଚାରକଙ୍କ ନିକଟରେ ବିଚାରାଧୀନ ରହିଛି । ସେହି ଜଜ୍ କେସ୍ ମଞ୍ଜୁର କରୁ ନାହିଁ । ମୁଁ ଏହା ଇଚ୍ଛା ପ୍ରକାଶ କଲି ଯେ, ମୁଁ ହଜାରେ ୟୁରୋ ତେହ୍‌ରିକେ ଜଦିଦ୍‌ର ପାଣ୍ଠିରେ ଚାନ୍ଦା ପୈଠ କରିଦେବି । ଭାଗ୍ୟବଶତଃ ପ୍ରଭୁ ମୋର କେସ୍‌ଟି ସେହି ଜଜ୍ ଅଧୀନରୁ ଅନ୍ୟ ଜଜ୍ ଅଧୀନକୁ ହସ୍ତାନ୍ତରିତ ହୋଇଗଲା ଏବଂ ଅଲ୍ଲାଃତାଲାଙ୍କ କୃପାରୁ କେସ୍‌ଟି ମଞ୍ଜୁର ହୋଇଗଲା । ସୁତରାଂ ସେ ନିଜର ମାନସିକ ଅନୁଯାୟୀ ସେତିକି ଅର୍ଥ ଉକ୍ତ ପାଣ୍ଠିରେ ପୈଠ କରିଦେଲେ ।

କାଦିୟାନରୁ ୱକିଲେ ମାଲ୍ ସାହେବ୍ ଉଲ୍ଲେଖ କରନ୍ତି ଯେ, କେରଳର ଜମାଅତ୍ କେରୁଲାଇର ଜଣେ ବନ୍ଧୁଙ୍କର ତେହ୍‌ରିକେ ଜଦିଦ୍‌ର ୫ ଲକ୍ଷ ଟଙ୍କା ଚାନ୍ଦା ଲେଖାଇଥିଲେ । ସେ ନିଜର ବ୍ୟକ୍ତିଗତ ଫର୍ଣ୍ଣିଚର କ୍ରୟ କରିବା ପାଇଁ କିଛି ଅର୍ଥ ଜମା ରଖିଥିଲେ, ସେହି କ୍ଷଣରେ ତେହ୍‌ରିକେ ଜଦିଦ୍‌ର ଚାନ୍ଦା ପୈଠ କରିବାର ମଧ୍ୟ ଅଭିଯାଚନା ଥିଲା । ତେଣୁ ସେ ଚାନ୍ଦାର ମହତ୍ତ୍ୱତାକୁ ଦୃଷ୍ଟି ଆଗରେ ରଖି ଚାନ୍ଦାର ସମସ୍ତ ରାଶି ପୈଠ କରିଦେଲେ । ତାଙ୍କର ଏହିଭଳି ନୈଷ୍ଠିକ ଅନ୍ତର୍ନିହିତ ଉଦ୍ଦେଶ୍ୟ ଯୋଗୁଁ ଅଲ୍ଲାଃତାଲା ତାଙ୍କ ଉପରେ ଏଭଳି ଭାବରେ ନିଜର କୃପାବତୀର୍ଣ୍ଣ କଲେ, ଯାହାଫଳରେ ସେ କିଛି କ୍ଷଣରେ ହିଁ ଚାନ୍ଦାର ଅଗ୍ରୀମ ଅର୍ଥରାଶିରୁ ବହୁଳାଂଶ ଅର୍ଥରାଶି ତାଙ୍କ ଆକାଉଣ୍ଟରେ

କୌଣସି ମାଧ୍ୟମରେ ଆସିଗଲା ଏବଂ ଫରମ ପାଇଁ ଯେଉଁସବୁ ଜିନିଷ ଉପଲବ୍ଧ କରାଯାଉଥିଲା ତାହା ଅର୍ଡ଼ର କରି ବରାଦ କରାଗଲା । ନିଜର ୱାଦା ଠାରୁ ବଳି ଅଧିକ ପରିମାଣର ଅର୍ଥରାଶି ପ୍ରାୟ ୧୨ ଲକ୍ଷ ଟଙ୍କା ସେ ତେହ୍‌ରିକେ ଜଦିଦ୍‌ରେ ଦେଇଥିଲେ । ହୁଜୁର ଅନୱର୍ ଅ.ବ ସମଗ୍ର ପୃଥିବୀରୁ ଅର୍ଥଦାନର ଅନେକ ବିଶ୍ୱାସବର୍ଦ୍ଧକ ଘଟଣାବଳୀର ଚର୍ଚ୍ଚା କଲେ ।

ଅଲ୍ଲାଃତାଲାଙ୍କ କୃପାରୁ ତେହ୍‌ରିକେ ଜଦିଦ୍‌ର ୮୬ତମ ବର୍ଷ ଗତ ଅକ୍ଟୋବର ମାସର ୩୧ ତାରିଖ ଦିନ ସମାପ୍ତ ହେଲା ଏବଂ ୧ ନଭେମ୍ବରରୁ ୮୭ ତମ ବର୍ଷର ଶୁଭାରମ୍ଭ ହୋଇଗଲା । ଅଲ୍ଲାଃତାଲାଙ୍କ କୃପାରୁ ଚଳିତ ବର୍ଷ ବିଶ୍ୱରେ ପରିବ୍ୟାପ୍ତ ଅହେମଦି ଜମାଅତ୍‌କୁ ତେହ୍‌ରିକେ ଜଦିଦ୍‌ର ଆର୍ଥିକ ବ୍ୟବସ୍ଥାରେ ୧୪.୫ ମିଲୟନ୍ ଡ଼ଲାର ଅର୍ଥାତ ୧ କୋଟି ୫୪ ଲକ୍ଷ ପାଉଣ୍ଡର ଆର୍ଥିକ ବଳିଦାନ କରିବାର ସାମର୍ଥ୍ୟ ପ୍ରାପ୍ତ ହୋଇଛି ।

ହୁଜୁର ଅନୱର୍ ଅ.ବ ପ୍ରଥମ ଦଶଟି ସ୍ଥାନ ଅଧିକାର କରିଥିବା ଦେଶର ନାମ କ୍ରମାନ୍ୱୟରେ ବର୍ଣ୍ଣନା କଲେ । ସେ ଯାହା ହେଉ ନା କାହିଁକି ସାମୂହିକ ଭାବରେ କହିବାକୁ ଗଲେ ବର୍ତ୍ତମାନ ଯେଉଁ ସ୍ଥିତାବସ୍ଥା ରହିଛି ତାହା ଏହିକି ଯେ, ଜର୍ମାନୀ ପ୍ରଥମ ସ୍ଥାନ ଅଧିକାର କରିଛି, ବ୍ରିଟେନ୍ ଦ୍ୱିତୀୟ, ଆମେରିକା ତୃତୀୟ, ପାକିସ୍ତାନକୁ ବାଦ ଦେଇ ମୁଁ ଏହି ଦେଶମାନଙ୍କର ଗଣନା କରିଥାଏ । କାରଣ ପାକିସ୍ତାନ ସର୍ବାଗ୍ରେ ରହିଥାଏ । କିନ୍ତୁ ଏଥର ପାକିସ୍ତାନ ଏମାନଙ୍କ ମଝିରେ ଆସିଯାଉଛି । ଆମେରିକା ତୃତୀୟ ସ୍ଥାନ ଅଧିକାର କରିଛି ଏହାପରେ ମିଡ଼ିଲ୍ ଇଷ୍ଟର ଏକ ଦେଶ ରହିଛି ତା'ପରେ **ଭାରତ**, ଅଷ୍ଟ୍ରେଲିୟା, ଇଣ୍ଡୋନେସିଆ, ଘାନା, ଘାନା ମଧ୍ୟ ବର୍ତ୍ତମାନ ଆଫ୍ରିକା ତୁଳନାରେ ବାହାରକୁ ବାହାରି ଆସି ଅନ୍ୟ ରାଷ୍ଟ୍ର ତୁଳନାରେ ଅର୍ଥ ବଳିଦାନରେ ସାମିଲ ହୋଇ ଯାଇଛି ।

ଏହାପରେ ହୁଜୁର ଅନୱର୍ ଅର୍ଥ ବଳିଦାନ ଅନୁଯାୟୀ ଭାରତର ପ୍ରଥମ ଦଶଟି ଜମାଅତ୍ ସଂପର୍କରେ ବର୍ଣ୍ଣନା କଲେ ସେମାନେ ଯଥାକ୍ରମେ ହେଲେ;- ୧-କୋୟମ୍ବଟୁର୍, ୨-କରୁଲାଇ, ୩-କ୍ୱାଦିୟାନ, ୪-ପଥାପିରିୟମ୍, ୫-ହାଇଦ୍ରାବଦା, ୬-କନ୍ନୁର ଟାଉନ୍, ୭-କୋଲକତା, ୮-କାଲିକଟ୍, ୯-ବାଙ୍ଗାଲୋର, ୧୦-ମାଥୋଟମ୍ ଇତ୍ୟାଦି । ଭାରତର ପ୍ରଥମ ଦଶଟି ପ୍ରଦେଶ ଯଥାକ୍ରମେ ସ୍ଥାନ ଅଧିକାର କରିଛନ୍ତି;- ୧-କେରଳ, ୨-ତାମିଲନାଡୁ, ୩-କର୍ଣ୍ଣାଟକ, ୪-ଜାମ୍ମୁକାଶ୍ମୀର,୫-ତେଲେଙ୍ଗାନା, ୬-ପଞ୍ଜାବ, **୭-ଓଡ଼ିଶା**, ୮-ପଶ୍ଚିମବଙ୍ଗ, ୯- ଦିଲ୍ଲୀ, ୧୦-ମହାରାଷ୍ଟ୍ର । ଅଲ୍ଲାଃତାଲା ଜମାଅତ୍‌ର ଏହି ସମସ୍ତ ସଦସ୍ୟବୃନ୍ଦଙ୍କ ଧନ ଜୀବନରେ ଅସାଧାରଣ ବରକତ୍ ଅବତୀର୍ଣ୍ଣ କରନ୍ତୁ ଏବଂ ଏମାନଙ୍କର ବଳିଦାନକୁ ଗ୍ରହଣ କରନ୍ତୁ । ଏହାପରେ ଯେପରିକି ମୁଁ କହିଲି କି ୧ ନଭେମ୍ବରରୁ ତେହ୍‌ରିକେ ଜଦିଦ୍‌ର ୮୭ତମ ବର୍ଷର ଶୁଭାରମ୍ଭ ହୋଇଯାଇଛି । ଏହାର ମୁଁ ଘୋଷଣା କରୁଅଛି ।

ହୁଜୁର ଅନୱର୍ ଅ.ବ କହିଲେ : ବର୍ତ୍ତମାନ ମୁଁ ଏଥିପ୍ରତି ମଧ୍ୟ ଦୃଷ୍ଟି ଆକର୍ଷଣ କରିବାକୁ ଚାହୁଁଛି ଯେ, ଆଜିକାଲି ବହୁତ ଦୁଆ କରିବାର ଆବଶ୍ୟକତା ରହିଛି । ଆମେମାନେ ନିଜ ପାଇଁ ଓ ଜମାଅତ୍ ପାଇଁ ଦୁଆ କରିବା ଉଚିତ । ମୁସଲମାନମାନଙ୍କ ପାଇଁ ମଧ୍ୟ ସାମୂହିକ ରୂପେ ଦୁଆ କରିବାର ଆବଶ୍ୟକତା ରହିଛି । ଆଜିକାଲି ମୁସଲମାନମାନଙ୍କ ବିରୁଦ୍ଧରେ ଅଣମୁସଲିମ୍ ରାଷ୍ଟ୍ରମାନଙ୍କର ନେତାମାନେ ଅତ୍ୟନ୍ତ ବିଦ୍ୱେଷାଭାବ, ବୈରାଗଭାବ ତଥା ଆକ୍ରୋଶମୂଳକ ଆବେଗ ପ୍ରଦର୍ଶନ କରୁଛନ୍ତି । ଏହା ସ୍ପଷ୍ଟ ଯେ, ସେମାନେ ଏହି ଗଣତାନ୍ତ୍ରିକ ଯୁଗରେ ଜନତାଙ୍କୁ ଈଶ୍ୱର ଆଖ୍ୟା ଦେଇ ଦେଇଛନ୍ତି । ସେମାନଙ୍କ ଇଚ୍ଛାନୁଯାୟୀ ନିଜର କଥନ ଏବଂ ନୀତି ପ୍ରସ୍ତୁତ କରିବା ପାଇଁ ପ୍ରୟାସ କରୁଛନ୍ତି କିମ୍ବା ସ୍ୱୟଂ ବେଳେବେଳେ ସେମାନଙ୍କରୁ ଭୁଲ୍ ମାର୍ଗଦର୍ଶନ କରି ଅସତ୍‌ମାର୍ଗ ଆଡ଼କୁ ନେଇଯିବା ପାଇଁ ପ୍ରୟାସ କରୁଛନ୍ତି । ସେ ଯାହା ହେଉ ନା କାହିଁକି ଆମେମାନେ ଦୁଆ ଓ ଉଦ୍ୟମ ସହିତ ଦୁନିଆକୁ ଏହା କହିବୁ ଯେ, ଇସ୍‌ଲାମ୍ ଧର୍ମର କ'ଣ ବାସ୍ତବତା ରହିଛି ? ବିଗତ ଦିନରେ ପାଶ୍ଚାତ୍ୟ ନେତାମାନେ ଇସ୍‌ଲାମ୍ ବିରୁଦ୍ଧରେ ମୁକ୍ତ ଭାବରେ ମନ୍ତବ୍ୟ ନଦେଇ କୌଣସି ନା କୌଣସି ବାକ୍ୟବାଣ ତଥା ଚାଟୁ ବାକ୍ୟ ପ୍ରୟୋଗ କରି ରାଜନୈତିକ ମନ୍ତବ୍ୟ ଓ ଭାଷଣ ଦେଉଛନ୍ତି । କିନ୍ତୁ ଏହି ପରିପ୍ରେକ୍ଷୀରେ କୌଣସି ରାଜନେତାଙ୍କ ନାଁ ଆସିଲା ତ' ସେ ହେଉଛନ୍ତି ଫ୍ରାନ୍‌ସର ରାଷ୍ଟ୍ରପତି । ସେ

ଇସ୍‌ଲାମ୍‌କୁ ଏକ ବିଶ୍ୱସଙ୍କଟ ଧର୍ମ ରୂପେ ବିବେଚିତ କରିଛନ୍ତି । କ୍ରାଇସେସ୍‌ର (ସଙ୍କଟ) ଶିକାର ତ' ସେମାନଙ୍କର ନିଜସ୍ୱ ଧର୍ମ ଅଟେ । ଅଲ୍ଲାତାଲାଙ୍କ ଦୟାରୁ ଇସ୍‌ଲାମ ଏକ ଜୀବନ୍ତ ଧର୍ମ ଅଟେ ଏବଂ ତାହା ଉନ୍ନତି ଓ ବିକାଶ ପଥରେ ଅଗ୍ରସର ହେଉଅଛି । ଅଲ୍ଲାଃତାଲା ପ୍ରତ୍ୟେକ ଯୁଗରେ ଏହାର ସୁରକ୍ଷା ଦାୟିତ୍ୱ ସ୍ୱହସ୍ତରେ ନେଇଛନ୍ତି। ଏ ଯୁଗରେ ମଧ୍ୟ ହଜ଼ରତ ମସିହ୍ ମଉଦ୍ ଅ.ସଙ୍କ ମାଧ୍ୟମରେ ଏହାର ପ୍ରଚାର ବିଶ୍ୱର କୋଣ ଅନୁକୋଣରେ ପ୍ରସାରିତ ହେଉଅଛି । ପ୍ରକୃତ କଥା ଏହା ଯେ, ଏହି ଇସ୍‌ଲାମୀୟ ବିରୋଧୀ ରାଷ୍ଟ୍ର କିମ୍ବା ଲୋକମାନେ ଅଛନ୍ତି ସେମାନେ ଏହପରି ଆଚରଣ ପ୍ରଦର୍ଶନ କରୁଛନ୍ତି ଏବଂ ଗଣମାଧ୍ୟମ ଆଗରେ ଏହି ମନ୍ତବ୍ୟ ଦେଉଛନ୍ତି, ସେମାନେ ଜାଣନ୍ତି ଯେ, ମୁସଲମାନମାନଙ୍କ ମଧ୍ୟରେ ପାରସ୍ପାରିକ ଏକତା ନାହିଁ । ସେ ଯାହା ହେଉ ନା କାହିଁକି ଫ୍ରାନ୍‌ସ୍‌ର ରାଷ୍ଟ୍ରପତିଙ୍କ ବିରୋଧୀ ବୟାନ ଉପରେ କାନାଡ଼ାର ପ୍ରଧାନମନ୍ତ୍ରୀ ଯେଉଁ ସ୍ୱାଗତଯୋଗ୍ୟ ମନ୍ତବ୍ୟ ଓ ଟିପ୍ପଣୀ ଦେଲେ ତାହା ନିଃସନ୍ଦେହ ରୂପେ ପ୍ରଶଂସନୀୟ । ବାସ୍ତବପକ୍ଷେ ତାଙ୍କର ବୟାନ ସଂପୂର୍ଣ୍ଣ ରୂପେ ଭିତ୍ତିହୀନ ଏବଂ ଏପରି କୌଣସି ଧର୍ମ ସେମାନଙ୍କର ଦ୍ରବ୍ୟ ବର୍ଜନ କରି, ନକିଣିବାର ଘୋଷଣା କରିବା ପରେ ନିରବ ହୋଇ ବସି ପଡ଼ିବା ଯୋଗୁଁ କିଛି ଫଳପ୍ରଦ ହୋଇ ନାହିଁ । ଏପରି କୌଣସି ଧର୍ମ କିମ୍ବା ଅନ୍ୟ ଧାର୍ମିକ ଭାବନା ଓ ଧାର୍ମିକ ନେତାଙ୍କର ଆବେଗକୁ ଆଘାତ ଦେବା ସଂପୂର୍ଣ୍ଣ ରୂପେ ଭୁଲ । ବରଂ ସେମାନଙ୍କର ଆବେଗକୁ ସମ୍ମାନ ଜଣାଇବା ଉଚିତ । ସେ ଯାହାହେଉ ନା କାହିଁକି ଏହି ଦୃଷ୍ଟିକୋଣରୁ କାନାଡ଼ାର ପ୍ରଧାନମନ୍ତ୍ରୀ ପ୍ରଶଂସାର ପାତ୍ର ଅଟନ୍ତି ଏବଂ ଆମମାନଙ୍କୁ ତାଙ୍କ ପାଇଁ ଦୁଆ କରିବା ଉଚିତ । ଅଲ୍ଲାଃତାଲା ତାଙ୍କର ହୃଦୟକୁ ଉନ୍ମୁକ୍ତ ଓ ପରିବର୍ତ୍ତନ କରନ୍ତୁ । ଆମିନ୍ । ଯଦି ସଂସାରବାସୀଙ୍କୁ ଏହା ଜଣା ପଡ଼ନ୍ତା ଯେ, ମୁସଲମାନ ଏକ ଅଟନ୍ତି, ଗୋଟିଏ ଈଶ୍ୱରଙ୍କୁ ଓ ଗୋଟିଏ ବାର୍ତ୍ତାବହଙ୍କୁ ମାନନ୍ତି ଏବଂ ଏଥିଲାଗି ବଳିଦାନ ଦେବା ପାଇଁ ସଦୈବ ଅଣ୍ଟା ଭିଡ଼ି ଠିଆ ହୁଅନ୍ତି ତାହାହେଲେ ଅଣମୁସଲିମ୍ ସମାଜ ପକ୍ଷରୁ କେବେହେଲେ ଏପରି ଆଚରଣ ପ୍ରଦର୍ଶନ ହୁଅନ୍ତା ନାହିଁ । କେବେ କୌଣସି ସମ୍ବାଦପତ୍ରକୁ ଆଁହଜ଼ରତ୍ ସ.ଅଙ୍କ ବିରୁଦ୍ଧରେ ବ୍ୟଙ୍ଗଚିତ୍ର ପ୍ରକାଶିତ କରିବାକୁ ଦୁଃସାହସ ହୁଅନ୍ତା ନାହିଁ । କିଛି ବର୍ଷ ପୂର୍ବେ ଡ଼େନ୍‌ମାର୍କରେ ଓ ଫ୍ରାନ୍‌ସରେ ଯେଉଁ ବ୍ୟଙ୍ଗଚିତ୍ର ପ୍ରକାଶିତ ହୋଇଥିଲା ସେହି ସାମୟିକ ସ୍ୱରୋତ୍ତୋଳନ କରି ଏବଂ ସେମାନଙ୍କର ଦ୍ରବ୍ୟ ବର୍ଜନ କରି ନକିଣିବାର ଘୋଷଣା କରି ପୁଣି ନିରବ ହୋଇ ବସି ପଡ଼ିଲେ, କିଛି ଫଳପ୍ରଦ ହେଲା ନାହଁ । ସେ ସମୟରେ ଜମାଅତେ ଅହେମଦିୟା ସଠିକ୍ ପ୍ରତିକ୍ରିୟା ପ୍ରଦର୍ଶନ କରିଥିଲା ଏବଂ ସେମାନଙ୍କ ଆଗରେ ଆଁହଜ଼ରତ ସ.ଅଙ୍କ ଜୀବନୀର ସୁନ୍ଦର ଛବି ଉପସ୍ଥାପିତ କରାଯାଇଥିଲା । ଆମେମାନେ ଆଜି ମଧ୍ୟ ସେହି କାର୍ଯ୍ୟ କରୁଅଛୁ ଏବଂ ଏହା କହୁଛୁ ଯେ, କେତେକ ବିକୃତ ମାନସିକତା ରଖୁଥିବା ବ୍ୟକ୍ତିଙ୍କ ଯୋଗୁଁ ଇସ୍‌ଲାମ୍‌ର ନାଁକୁ ମାଟିରେ ମିଶାଇ ଦେବା ପାଇଁ ଅତ୍ୟନ୍ତ ନୀଚ କର୍ମକୁ ଇସ୍‌ଲାମର ନାଁ ଦେବାକୁ ଚାହୁଛନ୍ତି । କୌଣସି ରାଷ୍ଟ୍ରପତିଙ୍କୁ ଏହି ଅଧିକାର ନାହିଁ ଯେ, ସେ କୌଣସି ବ୍ୟକ୍ତିର ମନ୍ଦ କର୍ମକୁ ଇସ୍‌ଲାମୀୟ ଶିକ୍ଷା ଓ ମୁସଲମାନମାନଙ୍କ କ୍ରାଇସେସ୍‌ର କାରଣ ରୂପେ ବିବେଚିତ କରିବ । ପୁନଶ୍ଚ ନିଜ ଲୋକଙ୍କୁ ଏପରି ଉସକାଇବାକୁ ଉଦ୍ୟମ କରିବା କି ଏଥିପାଇଁ ଆମେ ଏମାନଙ୍କ ବିରୁଦ୍ଧରେ ବିଦ୍ରୋହ କରୁଅଛୁ ଏବଂ ଆଗାମୀ ପାଇଁ ମଧ୍ୟ ଏହି ବିଦ୍ରୋହ ଜାରି ରହିବ । ଏହି ମାନସିକତା ତାଙ୍କର ବିକୃତ ମସ୍ତିଷ୍କ ପ୍ରତି ଇଙ୍ଗିତ କରୁଅଛି । ଯେପରିକି ମୁଁ ପୂର୍ବେ କହିଛି ଯେ, ଏମାନେ ପ୍ରଥମେ ଆଁହଜ଼ରତ ସ.ଅଙ୍କ ବିରୁଦ୍ଧରେ ବ୍ୟଙ୍ଗଚିତ୍ର ପ୍ରସ୍ତୁତ କରି କିମ୍ବା ଆଁହଜ଼ରତ ସ.ଅଙ୍କୁ ଯେକୌଣସି ଉପାୟର ବଦନାମ ଓ ମର୍ଯ୍ୟାଦାହାନୀ କରିବାକୁ ଉଦ୍ୟମ କରିବା କୌଣସି ବିବେକୀ ମୁସଲମାନ ପକ୍ଷରେ ଆଦୌ ସହ୍ୟଯୋଗ୍ୟ ନୁହେଁ ଏବଂ କେତେକ ମୁସଲମାନମାନଙ୍କର ଆବେଗକୁ ଏଭଳି ଆଚରଣ ଉତ୍ତେଜିତ କରିଥାଏ ଏବଂ ଏହା ବିରୁଦ୍ଧରେ ଯଦି କୌଣସି ଆଇନ ବିରୁଦ୍ଧୀୟ ଆଚରଣ ପ୍ରଦର୍ଶିତ ହୋଇଯାଏ କିମ୍ବା କୌଣସି ବ୍ୟକ୍ତି ଆଇନକୁ ନିଜ ହାତକୁ ନେବାକୁ ଚେଷ୍ଟା କରେ ତେବେ ଏହାର ଉତ୍ତରଦାୟୀ ଏହି ଅଣମୁସଲିମ୍ ଲୋକମାନେ ହିଁ ଅଟନ୍ତି । ଏ ହେଉଛନ୍ତି ସେହି ରାଷ୍ଟ୍ର କିମ୍ବା ନାମକୁ ମାତ୍ର ସ୍ୱାଧୀନତା ଯାହାକୁ ଫ୍ରିଡ଼ମ୍ ଏକ୍ସପ୍ରେସନର ନାମରେ ନାମିତ କରାଯାଉଛି ।

ହୁଜୁର ଅନୱର ଅ.ବ କହିଲେ: ସେ ଯାହାହେଉ ନା କାହିଁକି ଆମେମାନେ ଆଇନ ପରିସର ମଧ୍ୟରେ ରହି ଇସ୍‌ଲାମ ଓ ଆଁହଜ଼ରତ ସ.ଅଙ୍କର ମର୍ଯ୍ୟାଦାହାନୀ ବିରୁଦ୍ଧରେ ଉତ୍ତର ଦେଉଛୁ ଏବଂ ଆଗକୁ ମଧ୍ୟ ଦେଉଥିବୁ ଏବଂ ଏହାର ପ୍ରଭାବ ମଧ୍ୟ ଦେଖା ଦେଇଥାଏ ଏବଂ ଏହି ସମାଧାନ ଉପସ୍ଥାପିତ କରୁଛୁ ଯେ, ଆଇନ ପରିସର ମଧ୍ୟରେ ରହି ଆମକୁ ପ୍ରତ୍ୟେକ ପାଦ ଉଠାଇବା ଉଚିତ ଏବଂ ଏହାଠୁ ବି ଅଧିକ ଆମମାନଙ୍କୁ ଆଁହଜ଼ରତ ସ.ଅଙ୍କ ଉପରେ ଦୁରୁଦ୍ ଶରୀଫ୍ ପ୍ରେରଣ କରିବାର ଆବଶ୍ୟକତା ରହିଛି ଏବଂ ବିଗତ ଅନେକ ଖୁତ୍‌ବାରେ ମୁଁ ଉକ୍ତ କଥା ପ୍ରତି ଆହ୍ୱାନ ଦେଇ ଆସିଛି ଏବଂ ଆମମାନଙ୍କ ବିରୁଦ୍ଧରେ ଅଣଅହେମଦିମାନଙ୍କ କଟୁ ଭାଷଣ ସତ୍ତ୍ୱେ ଆମେମାନେ ଇସ୍‌ଲାମ୍‌ର ପ୍ରକୃତ ଶିକ୍ଷାର ଆଲୋକରେ ନିଜର କର୍ତ୍ତବ୍ୟ ସମ୍ପାଦନ କରି ଚାଲିଛୁ ଏବଂ ଆଗକୁ ମଧ୍ୟ କରିବୁ । ଇନ୍‌ଶାଅଲ୍ଲାଃ । ମୁସଲିମ୍ ସଂପ୍ରଦାୟ ଯଦି ସ୍ଥାୟୀ ସମାଧାନ ଚାହନ୍ତି ତାହାହେଲେ ସମସ୍ତ ମୁସଲମାନଙ୍କୁ ଏକତ୍ରିତ ହେବାକୁ ପଡ଼ିବ । ଯଦି ୫୪/୫୫ ଗୋଟି ମୁସଲମାନ ରାଷ୍ଟ୍ର ଏକସ୍ୱର ହୋଇ କହି ଥାଆନ୍ତେ ତାହାହେଲେ ଫ୍ରାନ୍‌ସ୍‌ର ରାଷ୍ଟ୍ରପତି ଏପରି ଟିପ୍ପଣୀ ଦେବାକୁ ସାହାସ କରି ନଥାଆନ୍ତେ । ମୁସଲମାନ ରାଷ୍ଟ୍ରମାନଙ୍କର ଏଭଳି ପଦକ୍ଷେପ ଗ୍ରହଣ କରିବା ଦ୍ୱାରା ଫ୍ରାନ୍‌ସର ରାଷ୍ଟ୍ରପତିକୁ ବାଧ୍ୟ ହୋଇ କ୍ଷମା ମାଗିବାକୁ ପଡ଼ନ୍ତା ଏବଂ ନିଜ ମନ୍ତବ୍ୟରୁ ଓହରିବାକୁ ପଡ଼ନ୍ତା ।

କିଛି ମାସ ତଳେ ମୁଁ କେତେକ ରାଷ୍ଟ୍ରର ରାଜନେତାଙ୍କୁ ପୁନର୍ବାର ପତ୍ର ଲେଖିଥିଲି । ଅର୍ଥାତ ଏହି କୋଭିଡ଼ ପରିସ୍ଥିତି ମଧ୍ୟରେ ମୁଁ ଫ୍ରାନ୍‌ସର ରାଷ୍ଟ୍ରପତିଙ୍କୁ ମଧ୍ୟ ପତ୍ର ଲେଖିଥିଲି ଏବଂ ହଜ଼ରତ୍ ମସିହ୍ ମଉଦ୍ ଅ.ସଙ୍କ ବାକ୍ୟରେ ସାବଧାନ ମଧ୍ୟ କରେଇଥିଲି ଯେ, ଏହି ଶାସ୍ତି, ପ୍ରଳୟ ତଥା ବିପତ୍ତି ଅଲ୍ଲାଃତାଲାଙ୍କ ପଟୁ ତୁମମାନଙ୍କ ଅତ୍ୟାଚାର ଯୋଗୁଁ ଅବତୀର୍ଣ୍ଣ ହେଉଅଛି । ଏଣୁ ତୁମେ ଏଥିପ୍ରତି ଧ୍ୟାନ ଦେବାର ଆବଶ୍ୟକତା ରହିଛି । ଅତ୍ୟାଚାରକୁ ସମାପ୍ତ କର, ନ୍ୟାୟକୁ ସ୍ଥାପନ କର ଏବଂ ସତ୍ୟାଧାରିତ ମନ୍ତବ୍ୟ ଦିଅ । ଆମମାନଙ୍କର ଯେଉଁ ଦାୟିତ୍ୱ ଓ କର୍ତ୍ତବ୍ୟ ରହିଥିଲା ତାହା ଆମେମାନେ ଭଲ ଭାବରେ ସମ୍ପାଦନ କରିଛୁ ଏବଂ ଆଗକୁ ମଧ୍ୟ ସମ୍ପାଦନ କରିବୁ । ବର୍ତ୍ତମାନ ଯାହାର ଇଚ୍ଛା ହେଉଛି ସେ ଉକ୍ତ କଥାକୁ ସ୍ୱୀକାର କରୁ ବା ନକରୁ କିନ୍ତୁ ଆମେମାନେ ତ' ମୁସଲମାନ ସଂପ୍ରଦାୟଙ୍କୁ ନିଜ ଦୁଆରେ ଭୁଲିବୁ ନାହିଁ । ଅଲ୍ଲାଃତାଲା ଏମାନଙ୍କୁ ସାମର୍ଥ୍ୟ ପ୍ରଦାନ କରନ୍ତୁ ଯେ, ଏମାନେ ଆଁହଜ଼ରତ ସ.ଅଙ୍କ ସତ୍ୟବାଦୀ ଦାସଙ୍କୁ ଚିହ୍ନି ନିଅନ୍ତୁ ଏବଂ ଜଗତବାସୀଙ୍କୁ ମଧ୍ୟ ସାମୂହିକ ଭାବରେ ଏହା ଚିନ୍ତା କରିବା ଉଚିତ ଯେ, ଏପରି ଭିତ୍ତିହୀନ କଥା କହିବା ଦ୍ୱାରା ଆମେମାନେ ଯଦି ଅଲ୍ଲାଃତାଲାଙ୍କ ଠାରୁ ଦୂରେଇ ଯାଉ ତାହାହେଲେ ଆମମାନଙ୍କର ବିନାଶ ସୁନିଶ୍ଚିତ । ତେଣୁ ଆମମାନଙ୍କୁ ମିଳିତ ଭାବରେ ଏହି ଉଦ୍ୟମ କରିବାର ଆବଶ୍ୟକତା ରହିଛି ଯେ, ଆମେମାନେ ଜଗତକୁ ଅଲ୍ଲାଃତାଲାଙ୍କ ଏକେଶ୍ୱରବାଦର ଧ୍ୱଜା ତଳକୁ ଆଣି ସେମାନଙ୍କୁ ପ୍ରକୃତ ଈଶ୍ୱରଙ୍କ ସହିତ ପରିଚୟ କରାଇବୁ। ଆଁହଜରତ ସ.ଅଙ୍କ ଧ୍ୱଜା ତଳକୁ ଆଣିବା ହିଁ ହେଉଛି ତେହ୍‌ରିକେ ଜଦିଦ୍‌ର ପ୍ରକୃତ ଲକ୍ଷ୍ୟ । ଅଲ୍ଲାଃତାଲା ଆମମାନଙ୍କୁ ଏଥି ସକାଶେ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଆମିନ୍ । ଏହା ବ୍ୟତୀତ ଜଗତର ସାମୂହିକ ଅବସ୍ଥା ପାଇଁ ମଧ୍ୟ ଦୁଆ କରନ୍ତୁ । ଜଗତ ଧ୍ୱଂସ ଆଡ଼କୁ କ୍ଷିପ୍ର ବେଗରେ ଗତି କରୁଛି । ଏହି କରୋନା ରୋଗରୁ ଅଲ୍ଲାଃତାଲା ମୁକ୍ତି ଦିଅନ୍ତୁ। ଏପରି ନହେଉ ଯେ, ଆଉ ଏକ ବିପତ୍ତି ବିଶ୍ୱଯୁଦ୍ଧ ରୂପେ ଏମାନଙ୍କ ଉପରେ ଅବତୀର୍ଣ୍ଣ ହୋଇଯାଉ । ଅଲ୍ଲାଃତାଲା ପୃଥିବୀବାସୀଙ୍କୁ ସଦ୍‌ବୁଦ୍ଧି ପ୍ରଦାନ କରନ୍ତୁ, ସେମାନେ ଏକ ଈଶ୍ୱରଙ୍କୁ ଚିହ୍ନି ତାହାଙ୍କ କର୍ତ୍ତବ୍ୟ ସମ୍ପାଦନକାରୀ ରୂପେ ବିବେଚିତ ହୁଅନ୍ତୁ ।

---

**ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ଓ ନସ୍‌ତଈନୁହୁ ୱନସ୍‌ତଗ୍‌ଫିରୁହୁ ୱନୁମିନୁ ବିହି ୱନତୱକ୍‌କଲୁ ଅଲୈ ଓ ନଉଜୁ ବିଲ୍ଲାହି ମିନ୍ ଶୁରୁରି ଅନ୍‌ଫୁସିନା ୱମିନ୍ ସଈଆତି ଆମାଲିନା ମଇଁ ୟହ୍‌ଦିହିଲ୍ଲାହୁ ଫଲା ମୁଜ଼ିଲ୍ଲା ଲହୁ ୱମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ୱନଶ୍‌ହଦୁ ଅନ୍‌ଲା ଇଲାହା ଇଲ୍ଲଲ୍ଲାହୁ ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ । ଇବାଦଲ୍ଲାହି ରହିମକୁମୁଲ୍ଲାହି ଇନ୍ନଲ୍ଲାହା ୟାମୁରୁ ବିଲ୍ ଅଦ୍‌ଲେ ୱଲ୍ ଇହ୍‌ସାନି ୱଇତାଇଜ଼ିଲ୍ କୁର୍‌ବା ୱୟନ୍‌ହା ଅନିଲ୍ ଫହ୍‌ଶାଇ ୱଲ୍ ମୁନ୍‌କରି ୱଲ୍ ବଗ୍‌ଇ ୟଇଜୁକୁମ୍ ଲାଅଲ୍‌ଲକୁମ୍ ତଜ଼କ୍ କରୁନା ଉଯ୍‌କୁରୁଲ୍ଲାହ୍ ୟଜ଼୍‌କୁରୁକୁମ୍ ୱଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ୱଲଜ଼ିକ୍‌ରୁଲ୍ଲାହି ଅକ୍‌ବର୍ ।**

KHULASA KHUTBA JUMA HUZOOR ANWAR a.b.a

6th Nov. 2020